# କେନ୍ଦୁଝର: ଜାତୀୟ ପ୍ରେସ୍ ଦିବସ ପାଳିତ

କେନ୍ଦୁଝର, ୧୬.୧୧. କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ଚଳିତ ନଭେମ୍ବର ୧୬ ତାରିଖ ମଙ୍ଗଳବାର ଦିନ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ ଉଦ୍‌ବୋଧନ ଛଳରେ ଗଣମାଧ୍ୟମର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ସାମ୍ବାଦିକମାନେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଜାତୀୟ ପ୍ରେସ୍ ଦିବସ ଅବସରରେ ଗଣମାଧମର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଭାଷଣପ୍ରସଙ୍ଗରେ କହିଥିଲେ ଯେ, ଗଣମାଧମ ହେଉଛି ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କର ଗଭୀର ଆସ୍ଥା ରହିଛି । ସ୍ୱାଭାବିକ ସମୟ ହେଉ ଅବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନେ ବିଭିନ୍ନ ଘାତ ପ୍ରତିଘାତ ଭିତରେ କାର୍ଯ୍ୟ କରୁଛନ୍ତି । ଦୁର୍ଗମ, ଅପହଂଚ ଇଲାକାରେ ଗଣମାଧ୍ୟମର ପ୍ରତିନିଧିମାନେ ପହଂଚି ବିଭିନ୍ନ ସମସ୍ୟା ଦୃଷ୍ଟିକୁ ଆଣୁଥିବାରୁ ତାର ସମାଧାନ ସହଜ ହେଉଛି । ଚଳିତ ବର୍ଷକ ଶୀର୍ଷକ "ବିଶ୍ୱ ମହାମାରୀ ପରିପ୍ରେକ୍ଷୀରେ ଗଣମାଧମ: ଏକ ନୂତନ ଆହ୍ୱାନ" ସଂପର୍କରେ ଆଲୋକପାତ କରି ସମ୍ମୁଖ ଯୋଦ୍ଧା ଭାବେ କରୋନା ମୁକାବିଲାରେ ଏବଂ ଜନସଚେତନତା ସୃଷ୍ଟି କରିବାରେ ଗଣମାଧମର ପ୍ରତିନିଧିମାନଙ୍କ ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ସବୁ ସମୟରେ ଜିଲ୍ଲା ପ୍ରଶାସନକୁ ଗଣମାଧମର ସକ୍ରିୟ ସହଯୋଗ ପାଇଁ ଜିଲ୍ଲାପାଳ ସାଧୁବାଦ ଜଣାଇଥିଲେ । ସାମ୍ବାଦିକମାନେ ନିଜ ପେଷା ପ୍ରତି ଅନୁରକ୍ତି ରଖି ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଜାରି ରଖିଲେ ସମାଜ ଓ ଦେଶର ଅଶେଷ ହିତ ସାଧନ ହୋଇପାରିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଗଣମାଧମର ସକ୍ରିୟ ସହଯୋଗ କାମନା କରିଥିଲେ । ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପ୍ରେସ୍ କ୍ଲବର ସଭାପତି ସତ୍ୟନାରାୟଣ ମିଶ୍ର ଏବଂ ସଂପାଦକ ଜିତେନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମାଜର ମୁଖପାତ୍ର ଭାବେ ଅଭିହିତ କରି ସେମାନଙ୍କ ଦ୍ୱାରା ପରିବେଷିତ ନିଚ୍ଛକ ସମ୍ବାଦ ପ୍ରଶାସନକୁ ସର୍ବଦା ସତର୍କ କରି ଦେଇଥାଏ ବୋଲି କହିବା ସହିତ ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ । ଗଣମାଧମର ଗାରିମା ବଜାୟ ରଖିବା ଦିଗରେ ଜାତୀୟ ପ୍ରେସ୍ ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ଗଣମାଧମର ବରିଷ୍ଠ ପ୍ରତିନିଧି କ୍ଷେତ୍ରବାସୀ ମହାକୁଡ, ପ୍ରଣୟ କୁମାର ପାଣି, ଶରତ ଚନ୍ଦ୍ର ଦାସ, ରଞ୍ଜନ କୁମାର ତ୍ରିପାଠୀ, ସତ୍ୟଜିତ୍ ସାମନ୍ତରାୟ ପ୍ରମୁଖ ଜାତୀୟ ପ୍ରେସ୍ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଚଳିତ ବର୍ଷର ଶୀର୍ଷକ "ବିଶ୍ୱ ମହାମାରୀ ପରିପ୍ରେକ୍ଷୀରେ ଗଣମାଧମ : ଏକ ନୂତନ ଆହ୍ୱାନ" ଏବଂ ସାମ୍ବାଦିକମାନଙ୍କର ସୁରକ୍ଷା, ନିରାପତା ଓ ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଞ୍ଜିବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ ।

ସ୍ୱା/- 16/11/2021

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର